# NATIONAL NEWS BULLETIN (ODIA)

## 6 August - 2025

## Evening Bulletin : 8.30 p.m.

********************************

## ମୁଖ୍ୟ ସମ୍ବାଦ

- କର୍ତ୍ତବ୍ୟ ଭବନ' ଅମୃତ କାଳରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିବ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

– ନୂଆଦିଲ୍ଲୀରେ ନବନିର୍ମିତ କର୍ତ୍ତବ୍ୟ ଭବନ-୩ ଉଦ୍‌ଘାଟିତ ।

- ଆସନ୍ତାକାଲି ଏକାଦଶ ଜାତୀୟ ହସ୍ତତନ୍ତ ଦିବସ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି ।
- ନୂଆଦିଲ୍ଲୀ ଠାରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ଏମ୍.ଏସ୍. ସ୍ୱାମୀନାଥନ୍ ଶତବାର୍ଷିକୀ ଆନ୍ତର୍ଜାତିକ ସମ୍ମିଳନୀ ।
- ଉତ୍ତରାଖଣ୍ଡର ଧରାଳୀ ପ୍ରଭାବିତ ଅଞ୍ଚଳ ଗସ୍ତ କରି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତଦାରଖ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଭାରତ-ରୁଷ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ନେଇ ଆଲୋଚନା କଲେ ଜାତୀୟ ସୁରକ୍ଷା ଉପଦେଷ୍ଟା ।

# ପିଏମ୍-କର୍ତ୍ତବ୍ୟ ଭବନ

ଦେଶରେ ଗତ ୧୧ ବର୍ଷରେ ଭାରତ ଏକ ସ୍ୱଚ୍ଛ, ପ୍ରତିକ୍ରିୟାଶୀଳ ଏବଂ ନାଗରିକକୈନ୍ଦ୍ରିକ ଶାସନ ଢାଞ୍ଚା ନିର୍ମାଣ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ନୂଆଦିଲ୍ଲୀର କର୍ତ୍ତବ୍ୟପଥଠାରେ କର୍ତ୍ତବ୍ୟ ଭବନ-୩ର ଉଦ୍‌ଘାଟନ ଅବସରରେ ଜନସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦି କହିଛନ୍ତି, ଦେଶ ଏକ ସାମଗ୍ରିକ ଦୃଷ୍ଟିକୋଣ ସହ କାର୍ଯ୍ୟ କରୁଥିବାବେଳେ ପ୍ରଗତି ପ୍ରତ୍ୟେକ ଅଞ୍ଚଳରେ ପହଞ୍ଚୁଛି । ଭାରତକୁ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଆତ୍ମନିର୍ଭର, ପ୍ରଗତିଶୀଳ ଓ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦି କହିଛନ୍ତି, କର୍ତ୍ତବ୍ୟ ଭବନ ଲୋକତନ୍ତ୍ରର ମୂଳ ଭାବନାକୁ ଉଦ୍‌ଘୋଷିତ କରୁଛି । କର୍ତ୍ତବ୍ୟ ଭବନ କେବଳ ଏକ ଅଟ୍ଟାଳିକା ନୁହେଁ; ଏହା ଅମୃତ କାଳରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ଏବଂ ରାଷ୍ଟ୍ରର ଭବିଷ୍ୟତ ନିର୍ମାଣର ମୂକସାକ୍ଷୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କର୍ତ୍ତବ୍ୟ ଭାରତୀୟ ସଂସ୍କୃତିର କର୍ମପ୍ରଧାନରେ ମୂଳମନ୍ତ୍ର । ଏହି ଅଟ୍ଟାଳିକା କୋଟି କୋଟି ଦେଶବାସୀଙ୍କ ସ୍ୱପ୍ନ ସାକାର କରିବାର ତପୋଭୂମି । ନୂଆ ଭବନରେ କର୍ମଚାରୀଙ୍କୁ ଶତ ପ୍ରତିଶତ ଯୋଗଦାନ ଦେବା ସହ ଭାରତକୁ

ଦାରିଦ୍ର୍ୟରୁ ସମ୍ପୂର୍ଣ୍ଣ ମୁକ୍ତ କରିବାପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭବନ ନିର୍ମାଣ ସହ ଜଡ଼ିତ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ ।

ଏକବିଂଶ ଶତାବ୍ଦୀରେ ଦେଶକୁ ବୈଷୟିକ ଜ୍ଞାନ, ସୁରକ୍ଷା ଏବଂ ସୁବିଧାକୁ ଦୃଷ୍ଟିରେ ରଖି ଏହି ଭବନର ନିର୍ମାଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ଦେଶରେ ଅଧିକରୁ ଅଧିକ କର୍ତ୍ତବ୍ୟ ଭବନ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି, ଯାହାଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଏହି ଭବନର ନିର୍ମାଣଦ୍ୱାରା ଦେଢ଼ ହଜାର କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ଏବଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଓ ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିଛି । ରାଷ୍ଟ୍ର ପ୍ରତି କରାଯାଇଥିବା ସମସ୍ତ କାର୍ଯ୍ୟ କର୍ତ୍ତବ୍ୟ ବୋଲି ଶ୍ରୀ ମୋଦି କହିଛନ୍ତି ।

କେନ୍ଦ୍ରୀୟ ପ୍ରଶାସନିକ ସେବା ପ୍ରକ୍ରିୟାକୁ ଅଧିକ ସୁଗମ କରିବା ଲକ୍ଷ୍ୟ ନେଇ ଆଜି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀର କର୍ତ୍ତବ୍ୟପଥଠାରେ କର୍ତ୍ତବ୍ୟ ଭବନ-୩ର ଉଦ୍‌ଘଟନ କରିଥିଲେ । ନୂଆଦିଲ୍ଲୀର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ସହ ସମନ୍ୱୟ ରକ୍ଷା କରି ଦକ୍ଷତା, ନବସୃଜନ ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ କର୍ତ୍ତବ୍ୟ ଭବନ ନିର୍ମାଣ କରାଯାଇଛି **।V/O-PM**

# ପ୍ରେଜ୍-ହାଣ୍ଡଲୁମ୍ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଏକାଦଶ ଜାତୀୟ ହସ୍ତତନ୍ତ ଦିବସ ପାଳନ ଉତ୍ସବରେ ଅଧ୍ୟକ୍ଷତା କରିବେ । ବୟନ ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଭାରତର ହସ୍ତତନ୍ତ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଏବଂ ଦେଶର ଗ୍ରାମୀଣ ଅର୍ଥନୀତି ଏବଂ ସାଂସ୍କୃତିକ ପରିଚୟର ସମ୍ମାନାର୍ଥେ ଏହି କାର୍ଯ୍ୟକ୍ରମ ପାଳନର ଉଦ୍ଦେଶ୍ୟ ରହିଛି । ଦେଶର ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ୬୫୦ ଜଣ ବୁଣାକାର, ବିଦେଶୀ କ୍ରେତା, ରପ୍ତାନୀକାରୀ ଏବଂ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । କେନ୍ଦ୍ର ବୟନ ମନ୍ତ୍ରୀ ଗିରିରାଜ ସିଂହ, ବୟନ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା ଓ ବୟନ ମନ୍ତ୍ରଣାଳୟର ସଚିବ ନୀଲମ ଶାମି ରାଓ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

କାର୍ଯ୍ୟକ୍ରମରେ ବୟନ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନଜନକ ପୁରସ୍କାର ସନ୍ଥ କବିର୍ ହସ୍ତତନ୍ତ ପୁରସ୍କାର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରାଯିବ । ସନ୍ଥ କବିର୍ ପୁରସ୍କାର ବାବଦରେ ସାଢ଼େ ତିନି ଲକ୍ଷ ଟଙ୍କା ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ।

# ପିଏମ୍-ଏଗ୍ରିକଲଚର୍ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଏମ୍.ଏସ୍. ସ୍ୱାମୀନାଥନ ଶତବାର୍ଷିକୀ ଆନ୍ତର୍ଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । କୃଷି ବିଜ୍ଞାନ ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରର ପ୍ରଗତି ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ପ୍ରଫେସର ସ୍ୱାମୀନାଥନ୍‌ଙ୍କର ଏହି ଶତବାର୍ଷିକୀ ସମାରୋହକୁ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ଫାଉଣ୍ଡେସନ୍’ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତୀୟ କୃଷି ଗବେଷଣା ପରିଷଦ ଏବଂ ଜାତୀୟ କୃଷି ବିଜ୍ଞାନ ଏକାଡେମୀର ମିଳିତ ସହଯୋଗରେ ଆୟୋଜନ କରାଯାଉଛି ।

ଏହି ତିନି ଦିନିଆ ସମ୍ମିଳନୀ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଠ କହିଛନ୍ତି, ପ୍ରଖ୍ୟାତ କୃଷି ବୈଜ୍ଞାନିକ ପ୍ରଫେସର ସ୍ୱାମୀନାଥନ୍‌ଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ଭାରତ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ସ୍ମାରକୀ ମୁଦ୍ରା ଏବଂ ଡାକଟିକଟ ଏହି ସମାରୋହରେ ଉନ୍ମୋଚନ କରିବେ । ଭାରତକୁ ଖାଦ୍ୟ ପ୍ରସଙ୍ଗରେ ଏକ ଅଭାବୀ ଦେଶରୁ ବଳକା ରାଷ୍ଟ୍ରରେ ରୂପାନ୍ତରିତ କରିବା ଦିଗରେ ପ୍ରଫେସର ସ୍ୱାମୀନାଥଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଡକ୍ଟର ଜାଠ୍ ଆଲୋକପାତ କରିଛନ୍ତି ।

ଏହି ସମାରୋହର ବିଷୟବସ୍ତୁ ରହିଛି – **ଚୀର ସବୁଜ ବିପ୍ଳବ - ଜୈବ କୃଷି ଦିଗରେ ପଥ ପ୍ରଦର୍ଶନ ।** ବିଶ୍ୱର ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ କୃଷି ବୈଜ୍ଞାନିକ, କୃଷି କ୍ଷେତ୍ରର ନୀତି ନିର୍ଦ୍ଧାରକ ଓ ବିଭିନ୍ନ ଅଂଶିଦାର ଏଥିରେ ସାମିଲ ହୋଇ ଚୀର ସବୁଜ ବିପ୍ଳବକୁ ଆଗେଇ ନେବା ଦିଗରେ ଭବିଷ୍ୟତର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବେ ବୋଲି ସେ କହିଛନ୍ତି । ଏତଦ୍‌ବ୍ୟତୀତ ଏହି ସମାରୋହରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ବଳର ସଂରକ୍ଷଣ ଓ ସ୍ଥାୟୀତ୍ୱ ଜଳବାୟୁ ପରିବର୍ତ୍ତନ, ପୁଷ୍ଟି ତତ୍ତ୍ୱ ସମ୍ପର୍କିତ କୃଷି, ସମାବେଶୀ ଏବଂ ବୈଷୟିକ ଜ୍ଞାନକୌଶଳ ଯୁକ୍ତ ଜୀବନ ଜୀବିକାର ସମାଧାନ ତଥା ବିକାଶ ଦିଗରେ ଯୁବବର୍ଗ, ମହିଳା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ ଉପରେ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଛି ।

## ଉତ୍ତରାଖଣ୍ଡ-ଧରାଳି ଡିଜାଷ୍ଟର୍ ଅପ୍‌ଡେଟ୍

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଳି ଗ୍ରାମରେ ବାଦଲଫଟା ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ପରିସ୍ଥିତି ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ସେଠାରେ ଉଭୟ କେନ୍ଦ୍ରୀ ଏବଂ ରାଜ୍ୟ ସଂସ୍ଥା ଗୁଡ଼ିକ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଆଜି ଧରାଳି ଗସ୍ତ କରି ବନ୍ୟା ପ୍ରଭାବିତ ଲୋକଙ୍କୁ ଭେଟିଛନ୍ତି ଏବଂ ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି । ଆହତ ଲୋକମାନଙ୍କୁ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ନିମନ୍ତେ  ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ଲାଗି ସେ ପ୍ରତିଶ୍ରୁତି ଦେଇଛନ୍ତି । ସେଠାକାର ରିଲିଫ୍ କାର୍ଯ୍ୟର ଅଗ୍ରଗତି ନେଇ ମୁଖ୍ୟମନ୍ତ୍ରୀ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଶ୍ରୀ ଧାମି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ଲିପ୍ତ ଥିବା କର୍ମଚାରୀମାନଙ୍କୁ ଭେଟି ପ୍ରଭାବିତ ଲୋକମାନଙ୍କୁ ସମୟୋଚିତ ଭାବେ ରିଲିଫ୍ ଓ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

ଧରାଳି ଅଞ୍ଚଳକୁ ଅତ୍ୟାବଶ୍ୟକୀୟ ଖାଦ୍ୟ ଏବଂ ରିଲିଫ୍ ସାମଗ୍ରୀ ପରିବହନ ନିମନ୍ତେ ଦୁଇଟି ହେଲିକ୍ୟାପ୍ଟର ବ୍ୟବସ୍ଥା କରାଯାଇଛି । ଭାରତୀୟ ବାୟୁ ସେନାର ଚିନ୍ନୁକ୍ ହେଲିକ୍ୟାପ୍ଟର ଯୋଗେ ବଡ଼ବଡ଼ ଯନ୍ତ୍ରାଂଶ ସେହି ଅଞ୍ଚଳକୁ ନିଆଯାଇ ସଡ଼କ ମରାମତି କାର୍ଯ୍ୟରେ ବିନିଯୋଗ କରାଯାଉଛି ।

ପ୍ରତ୍ୟେକ ପ୍ରଭାବିତ ଲୋକଙ୍କ ନିକଟରେ ରିଲିଫ୍ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କର ପ୍ରାଥମିକତା ରହିଛି । ସେଠାରେ

ଯଥା ସମ୍ଭବ ସ୍ୱାଭାବିକ ଅବସ୍ଥା ଫେରି ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**V/O- -PUSHKAR-SINGH-DHAMI**

# ଏନ୍‌ଏସ୍‌ଏ-ରୁଷ

ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ୍ ଆଜି ରୁଷର ବରିଷ୍ଠ ଅଧିକାରୀମାନଙ୍କ ସହ ଭାରତ-ରୁଷର ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି ।  ଭାରତ ରୁଷରୁ ତୈଳ କ୍ରୟ କରୁଥିବା ଯୋଗୁଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ବୃଦ୍ଧି କରିବା ନେଇ ଘୋଷଣା କରିଥିଲେ । ଏହି ପରିପ୍ରେକ୍ଷୀରେ ରୁଷ ଅଧିକାରୀମାନଙ୍କ ସହ ଶ୍ରୀ ଡୋଭାଲ୍ ଆଲୋଚନା କରିଥିଲେ । ଭାରତ-ରୁଷ ମଧ୍ୟରେ ସହଯୋଗ ସ୍ଥାପନ ତ୍ୱରାନ୍ୱିତ କରିବା ଶ୍ରୀ ଡୋଭାଲ୍‌ଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଶ୍ରୀ ଡୋଭାଲ୍ ମଧ୍ୟ ପ୍ରତିରକ୍ଷା ଶିଳ୍ପ ସହଯୋଗ ସଂକ୍ରାନ୍ତରେ ଆଲୋଚନା କରିବାର ସମ୍ଭାବନା ରହିଛି ।

# ଏଲ୍‌ଏସ୍‌-ବୈଷ୍ଣବ ଓଟିଟି

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅଶ୍ଳୀଳ ଏବଂ ଆପତିଜନକ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ କରିଥିବା ୪୩ଟି ଓ.ଟି.ଟି. ପ୍ଲାଟ୍‌ଫର୍ମକୁ ରଦ୍ଦ କରାଯାଇଛି । ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି, ସରକାରଙ୍କ ପକ୍ଷରୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ନିୟମ ୨୦୨୧ ଅନୁସାରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ନିୟମ ଅନୁଯାୟୀ ଆଇନ୍ ଦ୍ୱାରା ନିଷିଦ୍ଧ ବିଷୟବସ୍ତୁକୁ ଓ.ଟି.ଟି. ପ୍ଲାଟ୍‌ଫର୍ମ ମାଧ୍ୟମରେ ଅନ୍ୟକୁ ପ୍ରେରଣ କରାଯାଇପାରିବ ନାହିଁ ।